# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.- ଜାତୀଯ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୮ମସିହା ଅଗଷ୍ଟ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା:

**ବୁଣାଧାନ:**

- ବାର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ଅଞ୍ଚଳରେ ଛଟା ବୁଣା କରାଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ, ତେବେ ବେଉଷଣି କରି ଏକର ପିଛ ୧୨ କି.ଗ୍ରା. ୟୁରିଆ ପ୍ରଥମ ମୂଳସାର ଭାବେ ପ୍ରୟୋଗ କରନ୍ତୁ।
- ବର୍ଷାଶ୍ରୀତ ମଧ୍ୟମ ଖାଲୁଆ ଜମିରେ ପିଲ ବାହାରିବା ସମୟରେ ଦ୍ୱିତୀୟ ମୂଳସାର ହିସାବରେ ଏକର ପିଛା ୧୨ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ।
- କାଣ୍ଡବିନ୍ଧା ପୋକର ପାଦୁର୍ଭାବ ଦେଖାଗଲେ ଶତକଡା ୦.୪ କ୍ଲୋରାଣ୍ଟ୍ରାନିଲିପ୍ରୋଲ ଦାନାଦାର ୧୬ ଗ୍ରାମ ଏକର ପିଛା ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ ଶତକଡା ୧୮.୫ ଏସି ୧୨ ମିଲି ପ୍ରତି ହେକ୍ଟର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ରୁଆଧାନ:**

- ଜମି ଓଦାଳିଆ ଥିଲେ କିମ୍ବା ୨ – ୩ ସେ.ମି. ଠିଆ ପାଣି ଥିବା ବର୍ଷାଶ୍ରୀତ ରୁଆ ଧାନ ଅଞ୍ଚଳରେ ବିଭିନ୍ନ ପ୍ରକାର ଘାସ ଦମନ ପାଇଁ ବେନ୍ ସଲଫ୍ୟୁରାନ୍ ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର୍ (ରେଡିମିକ୍ସ) ଦାନାଦାର ଯାହାକି ଲୋଣ୍ଡାକ୍ସ ପାଓ୍ୱାର ନାମରେ ବଜାରରେ ମିଳୁଛି, ଏହାକୁ ୪ କି.ଗ୍ରା. ପ୍ରତି ଏକର ପିଛା ୪ କି.ଗ୍ରା. ବାଲିରେ ମିଶାଇ, ରୋଇବାର ୩ ରୁ ୫ ଦିନ ପରେ ପ୍ରୟୋଗ କରନ୍ତୁ।
- ଯଦି ଚାଷୀ ଧାନ ରୋଇବାର ୩ ରୁ ୫ ଦିନ ପର୍ଯ୍ୟନ୍ତ କୌଣସି ଘାସମରା ଔଷଧ ପ୍ରୟୋଗ କରିନଥାନ୍ତି ତେବେ ଏକର ପିଛା ଇଥୋକ୍ସିସଲଫ୍ୟୁରନ୍ (ସନରାଇସ୍) ୫୦ ଗ୍ରାମ ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଜମିରେ ଅଧିକା ପରିମାଣର ଚଉଡା ପତରିଆ ଗୁଳ୍ମ ଦେଖାଦେଲେ ପେନୋକ୍ସୁଲାନ୍ (ଗ୍ରାନାଇଟ୍) ୪୦ ମି.ଲି. ଏକର ପିଛା ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଦସ୍ତା ପରିମାଣ କମ ଥିବା ଜମିରେ, ଜିଙ୍କ ସଲଫେଟ ଶେଷଜମି ପ୍ରସ୍ତୁତି ସମୟରେ ପ୍ରୟୋଗ କରାଯାଇ ନଥିଲେ Zn-EDTA କୁ ପ୍ରତି ଲିଟର ପାଣିରେ ଅଧାଗ୍ରାମ ମିଶାଇ ତଳି ରୋଇବାର ୩୦ ଦିନ ଏବଂ ୪୫ ଦିନ ପରେ ସିଞ୍ଚନ କରନ୍ତୁ।
- ଅନ୍ୟ ଗଛରୁ ପିଲ ବାହାର କରି ଶୁନ୍ୟ ସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗମିଟର ପିଛା ୩୩ଟି ବୁଦା ରହିବା ଦରକାର।
- ସ୍ୱଳ୍ପ ଖାଲୁଆ ରୁଆ ଧାନ ଜମିରେ ପିଲ ଆସିବା ସମୟରେ ଏକର ପିଛା ୨୪ କି.ଗ୍ରା. ୟୁରିଆ ସହିତ ୧୩.୫ କି.ଗ୍ରା. ଏମ୍.ଓ.ପି. ମିଶାଇ ପ୍ରୟୋଗ କରନ୍ତୁ।
- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ, ରୁଆ ଧାନରେ ପ୍ରତି ଏକର ପିଛା ୪ ଟି ହିସାବରେ ଯୌନ ସମ୍ବେଦନଶୀଳ ଫେରୋମନ୍ ଯନ୍ତା ବସାନ୍ତୁ। ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତାପ୍ରତି ୪ ରୁ ୫ଟି ହୋଇଯିବ, ଏକର ପିଛା ୪ କି.ଗ୍ରା. ରାଇନାକ୍ସିପାର ୦.୪ ଜି ଔଷଧ ସହ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ।
- ସଅଳ ରୁଆ ହୋଇଥିବା ଧାନ ଗଛରେ ପତ୍ରାଚ୍ଛଦ ପୋଡା ବା ସାପକାଟିଆ ରୋଗ ଦେଖାଗଲେ ୧ ଲିଟର ପାଣିରେ ୧ ମି.ଲି. ଆମିଷ୍ଟାର୍ କିମ୍ବା ସିଥମାର୍- ୩ (ଭାଲିଡାମାଇସିନ୍ ୩ ଏଲ୍) ୨ ମି.ଲି. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଧାନ ଗଛରେ ପତ୍ର ପୋଡା/ପତ୍ରାଗାର ରୋଗ ଦେଖାଦେଲେ ୧ ଲିଟର ପାଣିରେ ପ୍ଲାଣ୍ଟୋମାଇସିନ୍ ୧ ଗ୍ରାମ ସହିତ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ ମିଶାଇ ସିଞ୍ଚନ କରନ୍ତୁ। ୧ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ।

*********